**ନିତି ଭାରତୀ** | ସତ୍ୟ ମୁକ୍ତି ପ୍ରଦାନ କରିଥାଏ, କିନ୍ତୁ ପ୍ରଥମେ ଏହା ବକ୍ତାଙ୍କୁ ଖଣ୍ଡ ଖଣ୍ଡ କରି ଦେଇଥାଏ । - ଜୋ କ୍ଲାସ୍

ନିତିଦିନ NITIDIN
ବୁଧବାର, ୧୩ ଜୁନ୍ ୨୦୧୮

# ଭାରତ- ଚୀନ୍ ସମ୍ପର୍କରେ ସୁଧାର ଆସିବ କି ?

ଦୀର୍ଘ ଦିନର ତିକ୍ତତା ପରେ ଭାରତ- ଚୀନ୍ ମଧ୍ୟରେ ଏବେ ସୁସମ୍ପର୍କ ବୃଦ୍ଧି ପାଉଥିବା ପରିଲକ୍ଷିତ ହେଉଛି । ଚୀନ୍‌ର କିଙ୍ଗ୍‌ଦାଓ ସହରରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଚୀନ୍‌ର ରାଷ୍ଟ୍ରପତି ଜି ଜିନ୍‌ପିଙ୍ଗ୍‌ଙ୍କ ସହ ସ୍ୱତନ୍ତ୍ର ସାକ୍ଷାତ ଆଲୋଚନା କାରଣରୁ ଉଭୟ ରାଷ୍ଟ୍ର ମଧ୍ୟରେ ସୁସମ୍ପର୍କ ବୃଦ୍ଧି ନେଇ ସମସ୍ତେ ଆଶାବାଦୀ । ଉଲ୍ଲେଖନୀୟ ଯେ କିଙ୍ଗ୍‌ଦାଓ ସହରରେ ସାଂଘାଇ ସହଯୋଗ ସଂଗଠନ (ଏସ୍‌ସିଓ)ର ଶିଖର ସମ୍ମିଳନୀ ଗତ ୯ ତାରିଖରୁ ଦୁଇଦିନ ପାଇଁ ଅନୁଷ୍ଠିତ ହୋଇଥିଲା । ଚୀନ୍ ସମେତ ଏହି ଶିଖର ସମ୍ମିଳନୀରେ ଯେଉଁ ରାଷ୍ଟ୍ରମାନେ ସଦସ୍ୟ ଅଛନ୍ତି, ସେମାନେ ହେଉଛନ୍ତି ରୁଷିଆ, କାଜାଖ୍‌ସ୍ତାନ୍, ଉଜ୍‌ବେକିସ୍ତାନ୍, କିର୍‌ଗିଜ୍‌ସ୍ତାନ୍ ଓ ତାଜିକିସ୍ତାନ୍, ପାକିସ୍ତାନ ଓ ଭାରତ ।



**ଗୁରୁକଲ୍ୟାଣ ମହାପାତ୍ର**

ଏହି ସମ୍ମିଳନୀ ଅବସରରେ ଭାରତ ଓ ଚୀନ୍ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କ ଜରିଆରେ ଯେଉଁ ବାଣିଜ୍ୟିକ ସହଯୋଗ ଗଢ଼ି ଉଠୁଛି, ତାହା ଉଭୟ ରାଷ୍ଟ୍ର ପାଇଁ ଗୁରୁତ୍ୱପୂର୍ଣ୍ଣ । ଭାରତକୁ ଚୀନ୍ ପକ୍ଷରୁ ବ୍ରହ୍ମପୁତ୍ର ନଦୀ ଜଳ ସଂକ୍ରାନ୍ତୀୟ ତଥ୍ୟ ମିଳିବା ଓ ଚୀନ୍‌କୁ ଭାରତର ବାସୁମତୀ ଚାଉଳ ରପ୍ତାନୀ କରାଯିବା ପାଇଁ କଟକଣା ଦୂର କରାଯିବା ପରି ଗୁରୁତ୍ୱପୂର୍ଣ୍ଣ ବିଷୟମାନ ରହିଛି । ମାତ୍ର ସମଗ୍ର ବିଶ୍ୱରେ ଶାନ୍ତି ଓ ସ୍ଥିରତା ପ୍ରତିଷ୍ଠା ସମେତ ଆତଙ୍କବାଦୀ କାର୍ଯ୍ୟକଳାପକୁ ନିୟନ୍ତ୍ରଣ କରାଯିବା ଉପରେ ଉଭୟ ଜନବହୁଳ ରାଷ୍ଟ୍ର ଯେଉଁ ପଦକ୍ଷେପ ନେବେ, ତା’ ଉପରେ ସମଗ୍ର ବିଶ୍ୱର ଦୃଷ୍ଟି ରହିଥିଲା କହିଲେ କିଛି ଅତ୍ୟୁକ୍ତି ହେବନାହିଁ । ବିଗତ ଚାରିବର୍ଷରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଓ ଚୀନ୍‌ର ରାଷ୍ଟ୍ରପତି ଶ୍ରୀ ଜି ଜିନ୍‌ପିଙ୍ଗ୍‌ଙ୍କ ମଧ୍ୟରେ ଚଉଦ ଥର ସାକ୍ଷାତ ଆଲୋଚନା ହେବାକୁ ମଧ୍ୟ ବିଶ୍ୱରେ ଗୁରୁତ୍ୱାରୋପ କରାଯାଉଛି । ୨୦୦୧ରେ ସ୍ଥାପିତ ହୋଇଥିବା ସାଂଘାଇ ସହଯୋଗ ସଂଗଠନ (ଏସ୍‌ସିଓ)ର ସଦସ୍ୟ ଭାବେ ଭାରତରୁ ପ୍ରତିନିଧିତ୍ୱ କରୁଥିବା ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଗତ ତା ୯/୬/୨୦୧୮ରେ ଅନୁଷ୍ଠିତ ଅଧିବେଶନରେ ମଧ୍ୟ ଭାଗ ନେଇଥିଲେ । ଏହା ବ୍ୟତୀତ ଉଜ୍‌ବେକିସ୍ତାନର ରାଷ୍ଟ୍ରପତି ସଭାକତ୍ ମିର୍ଜିୟୋୟେଭ୍‌ଙ୍କ ସହି ଦ୍ୱିପାକ୍ଷିକ ଆଲୋଚନା ଶ୍ରୀ ମୋଦିଙ୍କ ବିଦେଶ ନୀତି ସମ୍ପର୍କରେ ସୂଚନା ଦେଇଛି ଯେ ପଡ଼ୋଶୀ ରାଷ୍ଟ୍ରମାନଙ୍କ ସହ ମନୋମାଳିନ୍ୟ ଦୂର କରି ଭାରତ ସୁସମ୍ପର୍କ ପ୍ରତିଷ୍ଠା କରିବାକୁ ଆଗ୍ରହୀ । ଉଜ୍‌ବେକିସ୍ତାନ୍‌ର ରାଜଧାନୀ ତାସ୍‌କେଣ୍ଟଠାରେ ଭାରତର ପ୍ରଧାନମନ୍ତ୍ରୀ ଲାଲ୍ ବାହାଦୁର ଶାସ୍ତ୍ରୀଙ୍କର ଦେହାନ୍ତ ହେବା ପରେ ଅତୀତରୁ ଏ ପର୍ଯ୍ୟନ୍ତ ଭାରତୀୟମାନଙ୍କ ମନରେ ଉଭୟ ପାକିସ୍ତାନ ଓ ଉଜ୍‌ବେକିସ୍ତାନ୍ ଉପରେ ଘୃଣାଭାବ ସୃଷ୍ଟି ହୋଇଥିବା ପରିଲକ୍ଷିତ ହୋଇଥିଲା । ମାତ୍ର ଏହି ଶିଖର ସମ୍ମିଳନୀରେ ଭାରତର ଗୁରୁତ୍ୱ ବୃଦ୍ଧି ପାଇଥିଲା ବେଳେ ପାକିସ୍ତାନର ଗୁରୁତ୍ୱ ହ୍ରାସ ପାଇଥିବା ପରିଲକ୍ଷିତ ହୋଇଛି ।

ଏହି ଶିଖର ସମ୍ମିଳନୀରେ ପଡ଼ୋଶୀ ରାଷ୍ଟ୍ର (ସମଗ୍ର ଏସିଆର) ସୁରକ୍ଷା ଓ ଅର୍ଥନୀତି ପାଇଁ ବ୍ୟଗ୍ରତା ପ୍ରକାଶ ପାଇଛି ଏବଂ କେନ୍ଦ୍ର ଏସିଆରେ ଆମେରିକାର ପ୍ରଭାବକୁ ନିୟନ୍ତ୍ରଣ କରାଯିବା ଦିଗରେ ଏ ଶିଖର ସମ୍ମିଳନୀର ଆଲୋଚନା ଫଳପ୍ରଦ ହେବ ବୋଲି କୁହାଯାଉଛି । ସେହିପରି ଭାରତ- ଚୀନ୍ ସୀମା ବିବାଦ ଉପରେ ଏହି ଶିଖର ସମ୍ମିଳନୀ ପରେ ବିଶଦ ଆଲୋଚନା ହେବା କଥା ମଧ୍ୟ ଜଣାପଡୁଛି । ଅତୀତରେ ବିଭିନ୍ନ ସମୟରେ ଭାରତ ଓ ଚୀନ୍ ମଧ୍ୟରେ ତିକ୍ତ- ମଧୁର ସମ୍ପର୍କ ଗଢ଼ି ଉଠିଛି । ୧୯୪୯ ମସିହା ଡିସେମ୍ବର ୩୦ରେ ଦ୍ୱିତୀୟ ଗଣତାନ୍ତ୍ରିକ ରାଷ୍ଟ୍ର ଭାବେ ଭାରତ ଚୀନ୍‌କୁ ଅଣ କମ୍ୟୁନିଷ୍ଟ ରାଷ୍ଟ୍ର ଭାବେ ସ୍ୱୀକୃତି ଦେଇଥିଲା । ପ୍ରଥମ ସାଧାରଣତାନ୍ତ୍ରିକ ରାଷ୍ଟ୍ର ଭାବେ ଭାରତ ବର୍ମା (ଏବର ମିଆଁମାର୍)କୁ ମଧ୍ୟ ସ୍ୱୀକୃତି ଦେଇଥିଲା । ୧୯୬୨ରେ ଚୀନ୍‌ର ରାଜଧାନୀ ବେଜିଂରେ ଥିବା ଭାରତୀୟ ଦୂତାବାସରେ ଚୀନ୍ ଜାନୁଆରୀ ୨୬ର ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ମଧ୍ୟ ଅନୁମତି ଦେଇ ନଥିଲା । ଏହା ପରେ ଭାରତର ପୂର୍ବ ସୀମାରେ ଭାରତ ଉପରେ ଆକ୍ରମଣ କରିବାକୁ ମଧ୍ୟ ଚୀନ୍ ପଛେଇ ନଥିଲା । ୧୯୭୫ରେ ସିକ୍କିମ୍ ଯେତେବେଳେ ଭାରତର ଏକ ପ୍ରଦେଶ ଭାବେ ସ୍ଥାନିତ ହେଲା, ଚୀନ୍‌ର କ୍ରୋଧ ପ୍ରଜ୍ୱଳିତ ହୋଇଥିଲା । ସେହିପରି ୧୯୮୬ରେ ଅରୁଣାଚଳ ପ୍ରଦେଶ ଭାରତର ସ୍ୱୟଂସମ୍ପୂର୍ଣ୍ଣ ପ୍ରଦେଶ ହେବାରୁ ଚୀନ୍‌ର କ୍ରୋଧ ଦ୍ୱିଗୁଣିତ ହୋଇଥିଲା ଓ ସେ ଏହି ଘଟଣାର ନିନ୍ଦା କରିଥିଲା । ଏହା ପୂର୍ବରୁ ଭାରତର ପ୍ରଧାନମନ୍ତ୍ରୀ ଜବାହାରଲାଲ୍ ନେହରୁ ଚୀନ୍‌ର ରାଷ୍ଟ୍ରମୁଖ୍ୟ ଚାଉ ଏନ୍ ଲାଇଙ୍କ ମଧ୍ୟରେ ହୋଇଥିବା ସୀମା ବିବାଦ ସଂକ୍ରାନ୍ତୀୟ କଥାବାର୍ତ୍ତା ଫଳପ୍ରଦ ହୋଇ ନଥିଲା । ଏ ସଂକ୍ରାନ୍ତୀୟ ସମସ୍ତ ସରକାରୀ ନଥିପତ୍ରକୁ ଚୀନ୍ ମଧ୍ୟ ଅସ୍ୱୀକାର କରିଥିଲା ।

ଗତ ୨୦୧୪ରେ ଭାରତର ନୂତନ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କୁ ଚୀନ୍‌ର ରାଷ୍ଟ୍ରପତି ଜି ଜିନ୍‌ପିଙ୍ଗ୍ ଏପିଇସି (ଏସିଆ ପେସିଫିକ୍ ଇକୋନୋମିକ୍ କୋ- ଅପରେସନ୍)ର ବେଜିଂ ଶୀର୍ଷ ସମ୍ମିଳନୀକୁ ନିମନ୍ତ୍ରଣ କରିଥିଲେ । ମାତ୍ର ଶ୍ରୀ ମୋଦି ସେହି ନିମନ୍ତ୍ରଣକୁ ଗ୍ରହଣ କରି ନଥିଲେ । ଏହାପରେ ଭାରତ- ଚୀନ୍ ସୀମା ବିବାଦ ସଂକ୍ରାନ୍ତୀୟ କଥାବାର୍ତ୍ତା ପାଇଁ ସେହି ୨୦୧୪ରେ ଶ୍ରୀ ଅଜିତ୍ ଡୋଭାଲଙ୍କୁ ଭାରତର ପ୍ରତିନିଧି ଭାବେ ନିଯୁକ୍ତ କରାଗଲା । ସେହି ୨୦୧୪ ସେପ୍ଟେମ୍ବରରେ ଚୀନ୍‌ର ରାଷ୍ଟ୍ରପତି ଜିନ୍‌ଫିଙ୍ଗ୍‌ଙ୍କୁ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ପ୍ରୋଟୋକଲ୍‌କୁ ଅମାନ୍ୟ କରି ଅହମଦାବାଦଠାରେ ପାଛୋଟି ଆଣିଥିଲେ । ଏହା ପରେ ବ୍ରାଜିଲ୍‌ଠାରେ ସେହି ୨୦୧୪ରେ ଅନୁଷ୍ଠିତ୍ ବ୍ରିକ୍‌ସ୍ (ବ୍ରାଜିଲ୍, ରୁଷିଆ, ଭାରତ, ଚାଇନା ଓ ସାଉଥ୍ ଆଫ୍ରିକା) ଶିଖର ସମ୍ମିଳନୀରେ ଚୀନ୍ ରାଷ୍ଟ୍ରପତି ଜିନ୍‌ପିଙ୍ଗ୍‌ଙ୍କ ସହିତ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ପ୍ରଥମ ସାକ୍ଷାତ ହୋଇଥିଲା ।



ସେ ଯାହାହେଉ, ଗତ ୨୦୧୭ ଜୁନ୍ ୧୬ରେ ଡୋକ୍‌ଲାମ୍ ସମତଳ ଅଞ୍ଚଳରେ ଦୀର୍ଘ ପଥ ନିର୍ମାଣ ପାଇଁ ଚୀନ୍ ସିଲିଗୁଡ଼ି ମଧ୍ୟରେ ପ୍ରବେଶ କରିବାକୁ ଚାହିଁଥିଲା । ଭାରତର ଉତ୍ତର- ପୂର୍ବାଞ୍ଚଳରେ ଚୀନ୍‌ର ଏ ପ୍ରକାର ହସ୍ତକ୍ଷେପକୁ ଭାରତ ବରଦାସ୍ତ ନକରି ବାଧା ଦେଇଥିଲା । ଏକଦା ଡକ୍ଟର ବି ଆର୍ ଆମ୍ବେଦକର ଉଲ୍ଲେଖ କରିଥିଲେ - ‘Boundary marking is the task of a surveyor; boundary making is the task of a statesman.’ (ଅର୍ଥାତ୍ ସୀମା ଚିହ୍ନଟ କରିବା ସର୍ଭେୟରର କାମ, ସୀମା ନିର୍ଦ୍ଧାରଣ କରିବା ହେଉଛି ରାଷ୍ଟ୍ରନୀତିଜ୍ଞଙ୍କ କାମ) କଥାଟି ଠିକ୍ । ଭାରତର ସୀମା ହେଉଛି ମ୍ୟାକ୍‌ମୋହନ୍ ସୀମା । ସେହିପରି ଚୀନ୍‌ର ସୀମା ହେଉଛି ଅକ୍‌ସାଇ ଚୀନ୍ । ସର୍ବୋଚ୍ଚ ସ୍ତରରେ ଉଭୟ ରାଷ୍ଟ୍ରର ରାଜନୀତିକ ଇଚ୍ଛାଶକ୍ତି ରହିଲେ ଏହି ସୀମା ବିବାଦର ସମାଧାନ ସମ୍ଭବ । ଏସିଆ ଉପମହାଦେଶରେ ଉଭୟ ଚୀନ୍ ଓ ଭାରତ ଏବେ ଦୁଇ ଶକ୍ତିଶାଳୀ ରାଷ୍ଟ୍ର ଭାବେ ସମଗ୍ର ବିଶ୍ୱରେ ପରିଚିତ । କେତେକ ରାଷ୍ଟ୍ର ଏ ଦୁଇ ରାଷ୍ଟ୍ର ମଧ୍ୟରେ ଏକତା ଓ ସହଯୋଗ ଚାହାନ୍ତି ନାହିଁ । ମାତ୍ର ଅଧିକାଂଶ ରାଷ୍ଟ୍ର ଏହା ଚାହାନ୍ତି ଓ ଭାରତ ଏହାର ନେତୃତ୍ୱ ନେଉ ବୋଲି ମଧ୍ୟ ଚାହାନ୍ତି । ସାମ୍ବାଦିକ ବର୍ଟିଲ୍ ଲିଣ୍ଟନର୍ ‘ଚାଇନାସ୍ ଇଣ୍ଡିଆ ୱାର୍’ (ଚାଇନାର ଭାରତ ଯୁଦ୍ଧ) ନାମକ ଏକ ପୁସ୍ତକ ରଚନା କରିଛନ୍ତି । ୩୫୨ ପୃଷ୍ଠାର ଏ ପୁସ୍ତକଟିକୁ ଅକ୍ସଫୋର୍ଡ୍ ୟୁନିଭର୍ସିଟି ପ୍ରେସ୍ ପ୍ରକାଶ କରିଛନ୍ତି । ସେ ଲେଖିଛନ୍ତି ଯେ ୧୯୬୨ର ଭାରତ ଉପରେ ଚୀନ୍‌ର ଆକ୍ରମଣର ବହୁ ପୂର୍ବରୁ ଏହି ଯୁଦ୍ଧ ଆରମ୍ଭ ହୋଇଥିଲା । ଏବେ ସେ ପ୍ରତ୍ୟକ୍ଷ ଯୁଦ୍ଧ ନାହିଁ । ପରୋକ୍ଷ ଛାୟାଯୁଦ୍ଧକୁ ତାହା ରୂପାନ୍ତରିତ ହୋଇଛି । ବିବାଦୀୟ ସୀମାରେ ସ୍ଥାନାଧିକାର ସମେତ ଜଳ ବିଭାଜନ ଓ ନେପାଳ ଏବଂ ମିଆଁମାର ଉପରେ ପ୍ରଭାବ ବିସ୍ତାର କରି ନେତୃତ୍ୱ ନେବା କିମ୍ବା ଭାରତ ମହାସାଗର ଓ ବଜାରମାନଙ୍କୁ କବ୍‌ଜାରେ ରଖିବା ଲାଗି ଏକ ପ୍ରକାର ଉଭୟ ରାଷ୍ଟ୍ର ମଧ୍ୟରେ ପ୍ରତିଯୋଗିତା ଆରମ୍ଭ ହୋଇଛି । ■

**କ୍ୱାଟର୍ସ- ଭିଏ ୨୯/୩, ୟୁନିଟ୍- ୨, ଭୁବନେଶ୍ୱର**
**ମୋ: ୯୪୩୭୦୧୨୧୨୩**

# ରାଷ୍ଟ୍ର, ରାଷ୍ଟ୍ରବାଦ ଓ ରାଷ୍ଟ୍ର ପ୍ରେମ (୨)

୮) ଆମେ ୧୯୪୭ ମସିହାରେ ସ୍ୱାଧୀନତା ଲାଭ କଲେ । ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଉଦ୍ୟମରେ ଗଡ଼ଜାତ ରାଜ୍ୟଗୁଡ଼ିକ ଭାରତରେ ମିଶିଲେ । ରାଜ୍ୟ ପୁନର୍ଗଠନ କମିଶନଙ୍କ ସୁପାରିସ ପରେ ରାଜ୍ୟ ଓ ଗଡ଼ଜାତଗୁଡ଼ିକର ମିଶ୍ରଣ ହେଲା ଓ ଭାରତ ଗଠନ ପ୍ରକ୍ରିୟା ପୂର୍ଣ୍ଣ ହେଲା ।

୯) ୧୯୫୦ ଜାନୁଆରୀ ୨୬ ତାରିଖରେ ଭାରତର ସମ୍ବିଧାନ କାର୍ଯ୍ୟକାରୀ ହେଲା । ଆଦର୍ଶବାଦ ଓ ସାହସର ଉଲ୍ଲେଖନୀୟ ପ୍ରଦର୍ଶନ କରି ଆମେ ଭାରତର ଲୋକମାନେ ନିଜକୁ ଏକ ସାର୍ବଭୌମ ଗଣତାନ୍ତ୍ରିକ ଜନତନ୍ତ୍ର ପ୍ରଦାନ କଲେ ଏବଂ ଏହାର ସମସ୍ତ ନାଗରିକଙ୍କ ପାଇଁ ନ୍ୟାୟ, ସ୍ୱତନ୍ତ୍ରତା ଏବଂ ସମାନତା ଅଧିକାର ପ୍ରଦାନ କଲେ । ଆମେ ଏହାର ସମସ୍ତ ନାଗରିକଙ୍କ ମଧ୍ୟରେ ଭ୍ରାତୃତ୍ୱ, ବ୍ୟକ୍ତିଗତ ମର୍ଯ୍ୟାଦା ଏବଂ ଦେଶର ଏକତା ବିକାଶ ପାଇଁ ଉଦ୍ୟମ କରିବାକୁ ସଂକଳ୍ପ ଗ୍ରହଣ କଲେ । ଏହିସବୁ ଆଦର୍ଶ ହିଁ ଆଧୁନିକ ଭାରତର ଧ୍ରୁବତାରା ଭାବେ ପ୍ରତିଭାତ । ଶତାବ୍ଦୀ ଶତାବ୍ଦୀ ଧରି ଉପନିବେଶ ଶାସନ ଯୋଗୁଁ ସୃଷ୍ଟି ହୋଇଥିବା ଦାରିଦ୍ର୍ୟରୁ ପୁନରୁତ୍ଥାନ ଏବଂ ଶାନ୍ତି ପଥରେ ଯାତ୍ରା ପାଇଁ ଗଣତନ୍ତ୍ର ଆମର ମାର୍ଗଦର୍ଶକ ହେଲା । ଗଣତନ୍ତ୍ର ଆମ ପାଇଁ ଏକ ଉପହାର ନୁହେଁ, ଏହା ହେଉଛି ଆମର ପବିତ୍ର ଆସ୍ଥା । ୩୯୫ଟି ଅନୁଚ୍ଛେଦ ଓ ୧୨ଟି ଅନୁସୂଚୀର ସମାହାର ଭାରତୀୟ ସମ୍ବିଧାନ କେବଳ ଏକ ଆଇନଗତ ନଥି ନୁହେଁ, ଏହା ହେଉଛି ଦେଶର ଆର୍ଥ- ସାମାଜିକ ରୂପାନ୍ତରଣର ମାଗ୍ନାକାର୍ଟା ବା ମହାନପତ୍ର । ଏହା ଶହେ କୋଟି ଭାରତୀୟଙ୍କ ଆଶା ଓ ଆକାଂକ୍ଷାର ପ୍ରତିନିଧି । ଆମ ସମ୍ବିଧାନରୁ ହିଁ ଆମ ରାଷ୍ଟ୍ରୀୟତାର ପ୍ରବାହ ସୃଷ୍ଟି ହୋଇଛି । ଭାରତୀୟ ରାଷ୍ଟ୍ରୀୟତା ହେଉଛି ସାମ୍ବିଧାନିକ ରାଷ୍ଟ୍ରୀୟତା । ଏହା ଆମେ ଉତ୍ତରାଧିକାର ସୂତ୍ରେ ପାଇଥିବା ବିବିଧତାର ସମାହାର; ବିଭିନ୍ନ ସ୍ତରରେ ନାଗରିକତା ସାବ୍ୟସ୍ତ ପାଇଁ ଆଗ୍ରହ ଏବଂ ଅନ୍ୟମାନଙ୍କଠାରୁ ଶିଖି ନିଜ ଭ୍ରମ ସଂଶୋଧନ କରିବାର ସାମର୍ଥ୍ୟ ।

୧୦) ବହୁଳତାବାଦ ଓ ସହନଶୀଳତାରେ ହିଁ ରହିଛି ଭାରତର ଆତ୍ମା । ଶତାବ୍ଦୀ ଶତାବ୍ଦୀ ଧରି ବିଭିନ୍ନ ପରିକଳ୍ପନାର ସମ୍ମିଶ୍ରଣରେ ସୃଷ୍ଟି ହୋଇଛି ଆମ ସମାଜର ଏହି ବହୁଳତା । ଆମ ପାଇଁ ଧର୍ମନିରପେକ୍ଷତା ଓ ଅନ୍ତର୍ଭୁକ୍ତୀକରଣ ହେଉଛି ବିଶ୍ୱାସ । ଆମର ଯୌଗିକ ସଂସ୍କୃତି ଆମକୁ ଏକ ରାଷ୍ଟ୍ରରେ ପରିଣତ କରିଛି । ଭାରତୀୟ ରାଷ୍ଟ୍ରୀୟତା ଏକ ଭାଷା, ଏକ ଧର୍ମ ଓ ଏକ ଶତ୍ରୁ ନୁହେଁ । ଏହା ଦୈନନ୍ଦିନ ଜୀବନରେ ୧୨୨ ଭାଷା, ୧୬୦୦ ଉପଭାଷା ବ୍ୟବହାର କରୁଥିବା ୭ ପ୍ରଧାନ ଧର୍ମ ଏବଂ ୩ ଜନଜାତି ଗୋଷ୍ଠୀ-ଆର୍ଯ୍ୟ, ମଙ୍ଗୋଲ ଓ ଦ୍ରାବିଡ଼- ସମାହାରରେ ଗଠିତ ଓ ଗୋଟିଏ ବ୍ୟବସ୍ଥା, ଗୋଟିଏ ପତାକା ଓ ଗୋଟିଏ ପରିଚୟ- ଭାରତୀୟ- ବହନ କରୁଥିବା ୧୩୦ କୋଟି ଲୋକଙ୍କର ଚିରନ୍ତନ ବିଶ୍ୱବାଦ, ଯେଉଁ ଲୋକମାନଙ୍କର କୌଣସି ଶତ୍ରୁ ନାହାନ୍ତି । ଏହା ହିଁ ଭାରତକୁ ବିବିଧ ଓ ସଂଯୁକ୍ତ ରାଷ୍ଟ୍ର ଭାବେ ଗଢ଼ି ତୋଳିଛି ।





**ପ୍ରଣବ ମୁଖାର୍ଜୀ ପୂର୍ବତନ ରାଷ୍ଟ୍ରପତି** | ଜୁନ୍ ୭ ତାରିଖ, ଗୁରୁବାର ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ମୁଖ୍ୟ କାର୍ଯ୍ୟାଳୟ ନାଗପୁରରେ ପୂର୍ବତନ ରାଷ୍ଟ୍ରପତି ପ୍ରଦାନ କରିଥିବା ଭାଷଣର ସମ୍ପାଦିତ ଅଂଶ ।

୧୧) ଏକ ଗଣତନ୍ତ୍ରରେ ଜାତୀୟ ଗୁରୁତ୍ୱ ବହନ କରୁଥିବା ପ୍ରତ୍ୟେକ ପ୍ରସଙ୍ଗରେ ସୂଚନା ଓ ଯୁକ୍ତି ସମ୍ବଳିତ ସାଧାରଣ ବିତର୍କ ହେବା ଅତ୍ୟନ୍ତ ଆବଶ୍ୟକ । ପ୍ରତିଯୋଗୀ ସ୍ୱାର୍ଥଗୁଡ଼ିକ ମଧ୍ୟରେ ଭାରସାମ୍ୟ ରକ୍ଷା ସହିତ ସେଗୁଡ଼ିକ ମଧ୍ୟରେ ବୁଝାମଣା ପାଇଁ ମଧ୍ୟ ବିତର୍କ ଜରୁରୀ । ସାଧାରଣ ଆଲୋଚନାରେ ଭିନ୍ନଭିନ୍ନ ମତକୁ ସ୍ୱୀକୃତି ଦେବାର ଆବଶ୍ୟକତା ରହିଛି । ଆମେ ଯୁକ୍ତି କରିବା, ଆମେ ସହମତ ହେଉ ବା ସହମତ ନହେଉ । କିନ୍ତୁ ଆମେ ବହୁ ପ୍ରକାର ମତର ପ୍ରଚଳନକୁ ଅସ୍ୱୀକାର କରି ପାରିବା ନାହିଁ । କେବଳ ବିତର୍କ ଜରିଆରେ ହିଁ ଅହିତକର କନ୍ଦଳ ବିନା ଆମେ ଆମର ଜଟିଳ ସମସ୍ୟାଗୁଡ଼ିକର ସମାଧାନ କରିବାର ବୋଧଶକ୍ତି ହାସଲ କରି ପାରିବା ।

୧୨) ଶାନ୍ତିପୂର୍ଣ୍ଣ ସହାବସ୍ଥାନ, ସମ୍ବେଦନା, ଜୀବନ ପ୍ରତି ମର୍ଯ୍ୟାଦା ଏବଂ ପ୍ରକୃତି ସହିତ ସଂହତି ହେଉଛି ଆମ ସଭ୍ୟତାର ମୂଳଭିତ୍ତି । ଯେତେବେଳେ ଜଣେ ଶିଶୁ ବା ମହିଳା ବର୍ବର ଆଚରଣର ଶିକାର ହୁଅନ୍ତି, ସେତେବେଳେ ଭାରତର ଆତ୍ମା ଆଘାତ ପାଏ । କ୍ରୋଧର ପରିପ୍ରକାଶ ଆମ ସାମାଜିକ ଗ୍ରନ୍ଥିକୁ ଚିରି ପକାଏ । ଆଜିକାଲି ପ୍ରତିଦିନ ଆମ ଚାରି ପାଖରେ ବୃଦ୍ଧି ପାଉଛି ହିଂସାର ତାଣ୍ଡବ ଲୀଳା । ଏସବୁ ହିଂସା ପଛରେ ରହିଛି ଅଜ୍ଞତା, ଭୟ ଓ ଅନାସ୍ଥା ଭାବ । ଆମକୁ ଆମ ସାଧାରଣ ବିତର୍କରୁ ସମସ୍ତ ପ୍ରକାର ଶାରୀରିକ ଓ ବାଚନିକ ହିଂସାରୁ ମୁକ୍ତ କରିବା ଉଚିତ । ଏକ ଗଣତାନ୍ତ୍ରିକ ପ୍ରକ୍ରିୟାରେ ଏକ ହିଂସାମୁକ୍ତ ସମାଜ ହିଁ ସମସ୍ତ ବର୍ଗର, ବିଶେଷକରି ପତିତ ଓ ନିପୀଡ଼ିତ ବର୍ଗର ଲୋକମାନଙ୍କର ସମ୍ପୃକ୍ତିକୁ ନିଶ୍ଚିତ କରି ପାରିବ । ଆମକୁ କ୍ରୋଧ, ହିଂସା ଓ କନ୍ଦଳରୁ ଶାନ୍ତି, ସଂହତି ଓ ସୁଖ ଅଭିମୁଖେ ଯାତ୍ରା କରିବାକୁ ହେବ ।

ଦୀର୍ଘ କାଳ ଧରି ଆମେ ଯନ୍ତ୍ରଣା ଓ କଳହ ସହିତ ବଞ୍ଚି ଆସିଛୁ । ଆପଣମାନେ ସମସ୍ତେ ଯୁବକ, ଶୃଙ୍ଖଳିତ, ଉତ୍ତମ ତାଲିମପ୍ରାପ୍ତ ଓ ଉଚ୍ଚ ଶିକ୍ଷିତ । ଦୟାକରି ଶାନ୍ତି, ସଂହତି ଓ ସୁଖ ପାଇଁ କାମନା କରନ୍ତୁ । ଆମର ମାତୃଭୂମି ତାହା ହିଁ ଆଶା କରେ । ଆମ ମାତୃଭୂମି ତାହା ପାଇବାକୁ ଯୋଗ୍ୟ ।

୧୩) ମଣିଷ ଜୀବନର ମୌଳିକ ଅନୁଭୂତି ହେଉଛି ସୁଖ । ଏକ ସୁସ୍ଥ, ସୁଖକର ଓ ଉତ୍ପାଦନକ୍ଷମ ଜୀବନ ଯାପନ କରିବା ଆମ ନାଗରିକମାନଙ୍କର ସର୍ବନିମ୍ନ ଅଧିକାର । ଆମେ ଅର୍ଥନୀତିକ ଅଭିବୃଦ୍ଧିର ମାପଦଣ୍ଡରେ ବେଶ୍ ସଫଳତା ଅର୍ଜନ କରିଛୁ । କିନ୍ତୁ ବିଶ୍ୱ ଖୁସି ସୂଚକାଙ୍କରେ ଆମେ ଅନେକ ପଛରେ । ବିଶ୍ୱ ଖୁସି ସୂଚକାଙ୍କ ରିପୋର୍ଟରେ ଆମର ସ୍ଥାନ ୧୫୬ ଦେଶ ମଧ୍ୟରେ ୧୩୩ । ସଂସଦର ୬ ନମ୍ବର ଲିଫ୍ଟ ନିକଟରେ କୌଟିଲ୍ୟଙ୍କ ଅର୍ଥଶାସ୍ତ୍ରର ଶ୍ଳୋକଟିଏ ଲେଖାଯାଇଛି : ‘ପ୍ରଜାସୁଖେ ସୁଖଂ ରାଜ୍ଞଃ ପ୍ରଜାନାଂ ଚ ହିତେ ହିତମ୍/ ନାତ୍ମପ୍ରିୟଂ ହିତଂ ରାଜ୍ଞଃ ପ୍ରଜାନାଂ ତୁ ପ୍ରିୟଂ ହିତମ୍ ।’

ଏହି ଶ୍ଳୋକରେ କୌଟିଲ୍ୟ କହିଛନ୍ତି ଯେ ରାଷ୍ଟ୍ର ହେଉଛି ଲୋକଙ୍କ ପାଇଁ । ଲୋକମାନେ ରାଷ୍ଟ୍ରର ସବୁ ପ୍ରକାର କାର୍ଯ୍ୟକ୍ରମର କେନ୍ଦ୍ର ହେବା ଉଚିତ । ଲୋକମାନଙ୍କୁ ବିଭାଜିତ କରିବା ଏବଂ ସେମାନଙ୍କ ମଧ୍ୟରେ ଶତ୍ରୁତା ବୃଦ୍ଧି କରିବା ପାଇଁ କିଛି କରାଯିବା ଉଚିତ ନୁହେଁ । ଲୋକମାନଙ୍କୁ ଏକତ୍ରିତ କରି ଦାରିଦ୍ର୍ୟ, ରୋଗ ଓ ପୃଥକୀକରଣ ବିରୋଧରେ ସଂଗଠିତ ଯୁଦ୍ଧ ଲଢ଼ାଯିବା ଉଚିତ ଏବଂ ଅର୍ଥନୀତିକ ଅଭିବୃଦ୍ଧିକୁ ବାସ୍ତବ ବିକାଶରେ ପରିଣତ କରାଯିବା ଉଚିତ । ଶାନ୍ତି, ସଂହତି ଓ ସୁଖର ଲକ୍ଷ୍ୟ ଆମ ସାଧାରଣ ନୀତିର ଲକ୍ଷ୍ୟ ହେଉ ଏବଂ ଆମ ରାଷ୍ଟ୍ର ଓ ନାଗରିକ ଜୀବନର ପ୍ରତିଦିନ କାର୍ଯ୍ୟକ୍ରମର ମାର୍ଗଦର୍ଶକ ନୀତି ଭାବେ ଗୃହୀତ ହେଉ । କେବଳ ଏହାରି ଜରିଆରେ ହିଁ ଆମେ ଏକ ସୁଖୀ ରାଷ୍ଟ୍ର ଗଢ଼ି ପାରିବା ଯେଉଁଠି ରାଷ୍ଟ୍ରୀୟତାର ପ୍ରବାହ ସ୍ୱୟଂକ୍ରିୟ ହେବ । ■

ଜୟ ହିନ୍ଦ୍ !

**ଅନୁବାଦ: ଦେବେନ୍ଦ୍ର ପୃଷ୍ଟି**

# ଆନନ୍ଦରୁ ମହାନନ୍ଦ ଦିଗରେ

ମହିଳାମାନଙ୍କ ସ୍ୱାସ୍ଥ୍ୟ ସମ୍ପର୍କିତ ବିଭିନ୍ନ ସମସ୍ୟାକୁ ନେଇ ଅନେକ ବର୍ଷ ଯୁଝିବା ପରେ ଭାରତ ପାଇଁ ଏବେ ଆସିଛି କିଛି ମାତ୍ରାରେ ଆନନ୍ଦିତ ହେବାର ଖବର । ନମୁନା ପଞ୍ଜିକରଣ ବ୍ୟବସ୍ଥା (ସାମ୍ପଲ୍ ରେଜିଷ୍ଟ୍ରେସନ୍ ସିଷ୍ଟମ୍) ବୁଲେଟିନ୍ ପ୍ରକାଶ କରିଛି ଯେ ଦେଶରେ ଏମ୍‌ଏମ୍‌ଆର୍ (ମାତୃ ମୃତ୍ୟୁହାର) ୨୨ ପ୍ରତିଶତ କମିଛି । ୨୦୧୧ରୁ ୨୦୧୩ ଭିତରେ ଏହି ହାର ୧ ଲକ୍ଷ ଜୀବନ୍ତ ଜନ୍ମିତ ଶିଶୁରେ ୧୬୭ ଥିବା ବେଳେ ୨୦୧୪ରୁ ୨୦୧୬ ଅବଧି ଭିତରେ ଏହା ହ୍ରାସ ପାଇ ହୋଇଛି ୧୩୦ । ଏହାର ଅର୍ଥ, ଗର୍ଭ ଧାରଣ ଓ ପ୍ରସବ ସମ୍ପର୍କିତ ଜଟିଳତା ଯୋଗୁଁ ପ୍ରତି ମାସରେ ପ୍ରାଣ ହରାଉ ଥିବା ହାରାହାରି ଏକ ହଜାର ମହିଳାଙ୍କ ଜୀବନ ମୃତ୍ୟୁ ମୁଖରୁ ରକ୍ଷା ପାଉଛି । ଦେଶର ଆପାତତଃ ଦୁର୍ବଳ ସାମାଜିକ ସୂଚକାଙ୍କ ଦୃଷ୍ଟିରୁ ବିଚାର କଲେ ଏହା ଏକ ସୁଖଦ ସମାଚାର । ପୁନଶ୍ଚ, ଦେଶର ସବୁ ରାଜ୍ୟଙ୍କ ମଧ୍ୟରୁ ଏମ୍‌ଏମ୍‌ଆର୍ କମାଇବା କ୍ଷେତ୍ରରେ କେରଳ ସର୍ବାଧିକ ଉଲ୍ଲେଖନୀୟ ପ୍ରଦର୍ଶନ କରିଛି- ଉପରୋକ୍ତ ସମୟ ଅବଧି ମଧ୍ୟରେ ଏହି ରାଜ୍ୟରେ ଏମ୍‌ଏମ୍‌ଆର୍ ହ୍ରାସ ପାଇଛି ୬୧ ପ୍ରତିଶତରୁ ୪୬ ପ୍ରତିଶତକୁ । ସେହିପରି ଏ କ୍ଷେତ୍ରରେ ଉଣା ଅଧିକେ ସମାନ ଧରଣର ପ୍ରଗତି କରି ଯଥାକ୍ରମେ ଦ୍ୱିତୀୟ ଏବଂ ତୃତୀୟ ସ୍ଥାନରେ ରହିଛନ୍ତି ତାମିଲ୍‌ନାଡୁ ଏବଂ ଆନ୍ଧ୍ରପ୍ରଦେଶ । ତେବେ ଏସବୁ ଭିତରେ ଅଧିକ ଖୁସୀର ଖବର ହେଉଛି, ଏମ୍‌ଏମ୍‌ଆର୍ କମାଇବା କ୍ଷେତ୍ରରେ ତଥାକଥିତ ବିମାରୁ ରାଜ୍ୟଗୁଡ଼ିକଙ୍କ ମଧ୍ୟରୁ ଉତ୍ତରପ୍ରଦେଶ, ବିହାର, ରାଜସ୍ଥାନ ଏବଂ ଓଡ଼ିଶା ଅତ୍ୟଧିକ ଉନ୍ନତ ପ୍ରଦର୍ଶନ କରିଛନ୍ତି । ଏହା ସତ୍ତ୍ୱେ ଏବେ ବି ଏମ୍‌ଏମ୍‌ଆର୍ ଏବଂ ଆଇଏମ୍‌ଆର୍ (ଶିଶୁ ମୃତ୍ୟୁହାର) ଦୃଷ୍ଟିରୁ ସମଗ୍ର ବିଶ୍ୱରେ ଭାରତର ଛବି ମଳିନ ରହିଛି, କାରଣ ଏମ୍‌ଏମ୍‌ଆର୍ କ୍ଷେତ୍ରରେ ବିଶ୍ୱର ୧୮୪ଟି ଦେଶଙ୍କୁ ନେଇ ପ୍ରସ୍ତୁତ ତାଲିକାରେ ଭାରତର ସ୍ଥାନ ୧୨୯ରେ ଏବଂ ଆଇଏମ୍‌ଆର୍ ତାଲିକାରେ ୧୯୩ ଦେଶଙ୍କ ଭିତରେ ୧୪୫ ।

ଏମ୍‌ଏମ୍‌ଆର୍ କ୍ଷେତ୍ରରେ ହ୍ରାସ ନିମନ୍ତେ ଜନନୀ ସୁରକ୍ଷା ଯୋଜନା ଭଳି ଆନୁଷ୍ଠାନିକ ସେବା ପ୍ରଦାନଗୁଡ଼ିକୁ ଅଧିକ ପ୍ରଶଂସା କରାଯାଉଛି । ତେବେ ଭାରତ କ୍ଷେତ୍ରରେ ଏଥିପାଇଁ ଅନ୍ୟାନ୍ୟ କେତେକ କାରଣ ମଧ୍ୟ ପ୍ରଶଂସାର ହକ୍‌ଦାର । ଏହି କାରଣଗୁଡ଼ିକ ମଧ୍ୟରୁ ପ୍ରମୁଖଟି ହେଉଛି ମହିଳାମାନଙ୍କ କ୍ଷେତ୍ରରେ ସାକ୍ଷରତା ବୃଦ୍ଧି । ପରକୁ ପର ରହିଛି ପରିବାରର ଆର୍ଥିକ ଉନ୍ନତି ପାଇଁ ମହିଳାମାନଙ୍କୁ ସ୍ୱାବଲମ୍ବୀ କରାଇବା ଦିଗରେ କାର୍ଯ୍ୟକାରୀ କରାଯାଉଥିବା କାର୍ଯ୍ୟକ୍ରମଗୁଡ଼ିକ ତଥା ଦାରିଦ୍ର୍ୟ ହ୍ରାସ । ଏକଥା ଭୁଲିଯିବା ଉଚିତ ନୁହେଁ ଯେ ଆନୁଷ୍ଠାନିକ ସେବା ପ୍ରଦାନ କରିବା ପଛରେ ଅର୍ଥନୀତିକ କାରଣଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାନ୍ତି । ତେଣୁ ଏମ୍‌ଏମ୍‌ଆର୍ ହ୍ରାସ ନିମନ୍ତେ ଏସବୁକୁ ମଧ୍ୟ ଶ୍ରେୟ ଦିଆଯିବା ବିଧେୟ । କିନ୍ତୁ ଏମ୍‌ଏମ୍‌ଆର୍ ଓ ଆଇଏମ୍‌ଆର୍ କ୍ଷେତ୍ରରେ ବିଶ୍ୱ ବକ୍ଷରେ ଭାରତର ଛବି ଉଜ୍ଜ୍ୱଳ କରିବା ପାଇଁ ଆହୁରି ଅଧିକ କିଛି କରାଯିବାର ଆବଶ୍ୟକତା ରହିଛି ଏବଂ ଏଥିପାଇଁ ଆହ୍ୱାନ ମଧ୍ୟ ଅନେକ । ଆହ୍ୱାନଗୁଡ଼ିକ ମଧ୍ୟରେ ପ୍ରମୁଖଟି ହେଉଛି, ଏବେ ସୁଦ୍ଧା ସମସ୍ତଙ୍କ ପାଇଁ ସମାନ ଧରଣର ସ୍ୱାସ୍ଥ୍ୟସେବା ଉପଲବ୍ଧ ନହେବା । ଦେଶର ଅନେକ ଅଞ୍ଚଳରେ ସ୍ୱାସ୍ଥ୍ୟସେବାର ଭିତ୍ତିଭୂମି ଅତ୍ୟନ୍ତ ଦୁର୍ବଳ । ଓଡ଼ିଶାରେ ତ ଏବେ ବି ଅନେକ ଗ୍ରାମାଞ୍ଚଳ ରହିଛି ଯେଉଁଠି ସଡ଼କଗୁଡ଼ିକର ଦୁରବସ୍ଥା ଯୋଗୁଁ ଆସନ୍ନ ପ୍ରସବାମାନଙ୍କୁ ଖଟିଆ ବା ଭାରରେ ବୁହା ହୋଇ ଅଣା ଯାଉଥିବାର ଦୃଶ୍ୟ ପ୍ରାୟତଃ ଗଣମାଧ୍ୟମମାନଙ୍କରେ ପ୍ରଦର୍ଶିତ ହେଉ ଥିବାର ଦେଖିବାକୁ ମିଳିଥାଏ । ପୁଣି ଖରାପ ରାସ୍ତା ଯୋଗୁଁ ଅନେକ ଅଞ୍ଚଳରେ ଏବେ ବି ଠିକ୍ ସମୟରେ ଆମ୍ବୁଲାନ୍ସ ପହଞ୍ଚି ପାରି ନଥାଏ ଯେଉଁଥିପାଇଁ ପ୍ରସୂତୀ ମହିଳାଟିଏ ଡାକ୍ତରଖାନାକୁ ଯିବାର ଅଧା ବାଟରେ ପ୍ରସବ କରିବାର ଦେଖାଯାଏ । ଏତଦ୍ ବ୍ୟତୀତ ଦେଶର ଅବ୍ୟବସ୍ଥିତ ଜନସ୍ୱାସ୍ଥ୍ୟ ବ୍ୟବସ୍ଥା ଦୃଷ୍ଟିରୁ ଅନେକ ଲୋକ ବିଶେଷକରି ଆର୍ଥିକ ଦୃଷ୍ଟିରୁ ସମ୍ପନ୍ନମାନେ ଗର୍ଭବତୀ ମହିଳାଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ବା ପ୍ରସବ ଇତ୍ୟାଦି ପାଇଁ ସରକାରୀ ଚିକିତ୍ସାଳୟମାନଙ୍କରେ ଚିକିତ୍ସିତ ହେବା ଅପେକ୍ଷା ଘରୋଇ ଚିକିତ୍ସାଳୟଗୁଡ଼ିକୁ ଅଧିକ ପସନ୍ଦ କରିଥାନ୍ତି । ତେଣୁ ଯେଉଁମାନଙ୍କ ନିକଟରେ ଆର୍ଥିକ ସମ୍ବଳ ରହିଛି, ସେମାନେ ଗୁଣାତ୍ମକ ମାନର ସ୍ୱାସ୍ଥ୍ୟସେବା ଲାଭ କରିଥାନ୍ତି । ଉଚ୍ଚ ସାମାଜିକ- ଅର୍ଥନୀତିକ ସ୍ଥିତି ବା ଅବସ୍ଥାର ଅର୍ଥ ହେଉଛି, ଜଣେ ମହିଳା ଗର୍ଭାବସ୍ଥାରେ ପୁଷ୍ଟିକର ଖାଦ୍ୟ ଖାଇବା ନିମନ୍ତେ ସମର୍ଥ ହେବା ସହିତ ଗର୍ଭ ନିରୋଧକ ବ୍ୟବସ୍ଥାଗୁଡ଼ିକ ଆପଣାଇ ଅବାଞ୍ଛିତ ଗର୍ଭଧାରଣରୁ ମଧ୍ୟ ମୁକ୍ତି ପାଇ ପାରିବେ । ତେଣୁ ଏମ୍‌ଏମ୍‌ଆର୍ ଓ ଆଇଏମ୍‌ଆର୍‌କୁ ଆହୁରି କମାଇବା ନିମନ୍ତେ ଭାରତ ସରକାର ଏସବୁ ଦିଗ ଉପରେ ଅଧିକ ଧ୍ୟାନ କେନ୍ଦ୍ରିତ କରିବାର ଆବଶ୍ୟକତା ରହିଛି । ଏହା ବାଦ୍ ବାଲ୍ୟ ବିବାହ, କମ୍ ବୟସରେ ଗର୍ଭ ଧାରଣ ଇତ୍ୟାଦିକୁ ରୋକାଯାଇ ପାରିଲେ ଦେଶ ଏ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଗତି କରି ପାରିବ । ■

# ବିଶେଷଜ୍ଞଙ୍କ ବିଶେଷତ୍ୱ

ଲାଟେରାଲ ଏଣ୍ଟ୍ରି ବା ଯୋଗ୍ୟତା ଭିତ୍ତିରେ ନିଯୁକ୍ତି ଜରିଆରେ ୧୦ ଜଣ ବରିଷ୍ଠ ଅମଲାତନ୍ତ୍ରୀ ବା ବ୍ୟୁରୋକ୍ରାଟ୍‌ଙ୍କୁ ନିଯୁକ୍ତି ପ୍ରଦାନ କରିବାକୁ ସରକାର ନେଇଥିବା ନିଷ୍ପତ୍ତି ନୀତିଗତ ଦୃଷ୍ଟିରୁ ଏକ ସାହସିକ ପଦକ୍ଷେପ । ସର୍ବସାଧାରଣରେ ଧାରଣାଟିଏ ରହି ଆସିଛି ଯେ ପ୍ରଶାସନରେ ବହୁତ ବାବୁ ରହିଛନ୍ତି, କିନ୍ତୁ ବାସ୍ତବ କ୍ଷେତ୍ରରେ ଦେଖିଲେ ଆବଶ୍ୟକତାଠାରୁ ଅଧିକ ରହିବା ତ ଦୂରର କଥା, ଅନେକ କ୍ଷେତ୍ରରେ ଆବଶ୍ୟକୀୟ ସଂଖ୍ୟକ କର୍ମଚାରୀଙ୍କର ମଧ୍ୟ ଅଭାବ ରହିଛି । ଭାରତୀୟ ପ୍ରାଶାସନିକ ସେବା ଅଧିକାରୀମାନଙ୍କୁ ନିଯୁକ୍ତି ପ୍ରଦାନ କରାଯିବା ପୂର୍ବରୁ ବିଭିନ୍ନ କ୍ଷେତ୍ରରେ ସେମାନଙ୍କର ଜ୍ଞାନ ପରୀକ୍ଷା କରି ନିଆ ଯାଇଥିବାରୁ ସେମାନଙ୍କୁ ଭିନ୍ନ ଭିନ୍ନ ସମୟରେ ବିଭିନ୍ନ କ୍ଷେତ୍ରରେ ନିଯୁକ୍ତି ଦିଆଯାଇଥାଏ ଏବଂ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରିବା ମଧ୍ୟ ସେମାନଙ୍କୁ ଏକ ବୃହତ୍ ଓ ବ୍ୟାପକ ଦୃଷ୍ଟିଭଙ୍ଗୀ ପ୍ରଦାନ କରିଥାଏ । କିନ୍ତୁ ନୀତି ନିର୍ଦ୍ଧାରଣ ନିମନ୍ତେ ବିଶେଷଜ୍ଞମାନଙ୍କର ଅଧିକ ଆବଶ୍ୟକତା ପଡୁଥିବା ଏକ ଯୁଗରେ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ଦକ୍ଷତା ଥିବା କର୍ମଚାରୀମାନଙ୍କର ଯଥେଷ୍ଟ ଆବଶ୍ୟକତା ରହିଛି । ଏଥିରେ ସନ୍ଦେହ ନାହିଁ ଯେ ପ୍ରତି ପାଞ୍ଚବର୍ଷ ବା ନିୟମିତ ଅନ୍ତରରେ ରାଜନୀତିକ କର୍ମକର୍ତ୍ତାମାନେ ବଦଳୁ ଥିବା ବେଳେ ଏକ ସ୍ଥାୟୀ ଅମଲାତନ୍ତ୍ରଟିଏ ରହିବାରେ ଅନେକ ସୁବିଧା ରହିଛି । କିନ୍ତୁ ପରିଚାଳନା ବା ମ୍ୟାନେଜ୍‌ମେଣ୍ଟ ଏବଂ ସାଧାରଣ ପ୍ରଶାସନର ପାଠ କୁହେ ଯେ ପ୍ରଶାସନ ଏକ ବହୁମୁଖୀ ତଥା ଖୋଲା ବ୍ୟବସ୍ଥା ଯେଉଁଠି ନିୟମିତ ବ୍ୟବଧାନରେ ନୂଆ ଶକ୍ତି ବା ନୂଆ ମାନବ ସମ୍ବଳର ପ୍ରବେଶ ଘଟିଲେ ନୂତନ ଧରଣର କାର୍ଯ୍ୟ ସମ୍ପନ୍ନ ହେବା ସହଜ ହୋଇଥାଏ । ତେବେ ସରକାରଙ୍କ ନିଷ୍ପତ୍ତିକୁ ନେଇ କେତେକଙ୍କ ମନରେ ଆଶଙ୍କା ମଧ୍ୟ ଦେଖା ଦେଇଛି । ପ୍ରଥମତଃ ଆଶଙ୍କାଟିଏ ପ୍ରକାଶ ପାଉଛି, ଯେହେତୁ ଚୁକ୍ତିଭିତ୍ତିକ ନିଯୁକ୍ତି ପାଇଁ ଏହି ସରକାର ଅଧିକ ଆଗ୍ରହ ପ୍ରକାଶ କରୁଛନ୍ତି, ତେଣୁ ଲ୍ୟାଟେରାଲ୍ ଏଣ୍ଟ୍ରି ନୀତି କ୍ଷେତ୍ରରେ ଯଦି ସେହି ନୀତିର ସମ୍ପ୍ରସାରଣ କରାଯାଏ, ତା’ହେଲେ ଏକ ନିଶ୍ଚିତ କର୍ମ ସଂସ୍କୃତି ଉପରେ ଏହାର ପ୍ରଭାବ ପଡ଼ିବ । ଦ୍ୱିତୀୟ ଆଶଙ୍କାଟି ହେଉଛି, ଅମଲାତନ୍ତ୍ରର ‘ରାଜନୀତିକରଣ’ । ଲ୍ୟାଟେରାଲ୍ ଏଣ୍ଟ୍ରି ବ୍ୟବସ୍ଥାଟି ଯଦି କେବଳ ଶାସନ କ୍ଷମତାରେ ଥିବା ଦଳ ପ୍ରତି ଅନୁଗତ ଏବଂ ବିଶ୍ୱସ୍ତ ବ୍ୟକ୍ତିଙ୍କ ପାଇଁ ଲାଗୁ ହୁଏ, ତା’ହେଲେ ଏଭଳି ଏକ ପଦକ୍ଷେପ ପଛରେ ରହିଥିବା ମହତ ଉଦ୍ଦେଶ୍ୟଟି ବ୍ୟାହତ ହେବ । ତେଣୁ ଏପରି ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବା ପୂର୍ବରୁ ସରକାର ନିଜର ସୁନାମ ସମ୍ପର୍କରେ ସଚେତନ ହୋଇ ଅତ୍ୟନ୍ତ ସାବଧାନତାର ସହିତ କାର୍ଯ୍ୟ କରିବା ଉଚିତ ହେବ । ■

## ସମ୍ପାଦକଙ୍କୁ ପତ୍ର

### ସଡ଼କ କଡ଼ର ଦୋକାନ

ସମୟ ସହିତ ତାଳ ଦେଇ ଆମ ରାଜ୍ୟର ସହରଗୁଡ଼ିକଠାରୁ ଆରମ୍ଭ କରି ଗାଁ ଗହଳି ପର୍ଯ୍ୟନ୍ତ ସଡ଼କସବୁର ଅବସ୍ଥା ପୂର୍ବାପେକ୍ଷା ଅଧିକ ଭଲ ହୋଇଛି । ହେଲେ ସଡ଼କ ସହିତ ବଦଳି ଯାଉଛି ଏହାର ଦୁଇକଡ଼ର ଦୃଶ୍ୟ । ନୂଆ ହୋଇ ନିର୍ମାଣ ହେଉଥିବା ରାସ୍ତାକୁ ଲାଗି ଅନେକ ସ୍ଥାନରେ ଗଢ଼ି ଉଠୁଛି ଦୋକାନ ବଜାର ଯାହା କେବଳ ଯାନବାହନ ଚଳାଚଳରେ ନୁହେଁ, ସାଧାରଣରେ ପାଦରେ ଚାଲି ଯାଉଥିବା ଲୋକମାନଙ୍କ ପାଇଁ ମଧ୍ୟ ସମସ୍ୟା ସୃଷ୍ଟି କରୁଛି, କାରଣ ଅନେକ ସମୟରେ ରାସ୍ତାକଡ଼ ଦୋକାନମାନଙ୍କରୁ ଜିନିଷ ପତ୍ର କିଣିବା ପାଇଁ ଲୋକମାନେ ସେମାନଙ୍କ ଗାଡ଼ି ମୋଟରକୁ ରାସ୍ତା ଉପରେ ରଖି ଦେଉଛନ୍ତି ଯାହା ଫଳରେ ଏହା ରାସ୍ତାର କିଛି ଅଂଶକୁ ମାଡ଼ି ବସୁଛି । ସେହିପରି ସବୁଠୁ ବଡ଼ ସମସ୍ୟା ସୃଷ୍ଟି ହେଉଛି ରାସ୍ତାର କୋଣ ଜାଗାମାନଙ୍କରେ ଥିବା ଦୋକାନ । ମୁଖ୍ୟ ସଡ଼କରୁ ଗଳି ଭିତରକୁ ଯାଇଥିବା ଶାଖା ସଡ଼କର କୋଣ ମୁଣ୍ଡରେ ଯଦି କେହି ଦୋକାନଟିଏ କରିଦେଲା ତ ଦୁଇ ଦିଗରୁ ଆସୁଥିବା ଯାନବାହନ ପରସ୍ପରକୁ ଦେଖିବାରେ ଅସୁବିଧା ହୋଇଥାଏ ଯାହା ଫଳରେ ଅନେକ ସମୟରେ ଦୁର୍ଘଟଣା ଘଟିବାର ସମ୍ଭାବନା ରହିଥାଏ । ତେଣୁ ଏଥିପ୍ରତି ପ୍ରତ୍ୟେକ ସଡ଼କ ଏବଂ ସ୍ଥାନୀୟ ଅଞ୍ଚଳର ପୁଲିସ ଥାନା ଇତ୍ୟାଦି ବିଶେଷ ଦୃଷ୍ଟି ଦେଇ ଏସବୁ ଅବରୋଧକୁ ହଟାଇବା ଦିଗରେ ଯତ୍ନବାନ୍ ହେବାକୁ ଅନୁରୋଧ ।

**ବାଉରିବନ୍ଧୁ ମହାନ୍ତି**
**ଭିଙ୍ଗାରପୁର, ଖୋର୍ଦ୍ଧା**

### ସରକାରଙ୍କ ଦୃଷ୍ଟି ଅଢୁଆଳରେ ଶିକ୍ଷିତ ବେକାର

ନିର୍ବାଚନ ସମୟ ଯେତେ ପାଖେଇ ଆସୁଛି ସବୁଆଡ଼େ ରାଜନୀତିର ଉଷ୍ମତା ସେତେ ବଢ଼ି ଚାଲିଛି । କେନ୍ଦ୍ର ସରକାର ଓ ରାଜ୍ୟ ସରକାର ସରକାରୀ ଚାକିରିରେ ନିୟୋଜିତ ଥିବା ଚୁକ୍ତିଭିତ୍ତିକ କର୍ମଚାରୀମାନଙ୍କୁ ରେଗୁଲାର କରୁଛନ୍ତି । ଚାକିରିଆମାନଙ୍କର ଦରମା ବଢ଼ାଇବା ସହିତ ଅନ୍ୟ ସମସ୍ତ ସୁବିଧା ଯୋଗାଇ ଦେଉଛନ୍ତି । କେନ୍ଦ୍ର ସରକାର ଗ୍ରାମୀଣ ଡାକ ସେବକମାନଙ୍କୁ ମଧ୍ୟ ରେଗୁଲାର କରିଛନ୍ତି । ରାଜ୍ୟ ସରକାର ସାମ୍ବାଦିକ ଏବଂ ସେମାନଙ୍କ ପରିବାରମାନଙ୍କ ପାଇଁ ବୀମା ବ୍ୟବସ୍ଥା କରିବାର ନଜିର ରହିଛି । କେନ୍ଦ୍ର ସ୍ତରୀୟ ତଥା ରାଜ୍ୟ ସ୍ତରୀୟ ବିଦ୍ୟାଳୟମାନଙ୍କରେ ଛାତ୍ରଛାତ୍ରୀମାନଙ୍କୁ ପାଠ ପଢ଼ାଇବା ପାଇଁ ନିୟୋଜିତ ଥିବା ଶିକ୍ଷକ/ ଶିକ୍ଷୟିତ୍ରୀମାନଙ୍କ ପାଇଁ ସମସ୍ତ ସୁବିଧା ସୁଯୋଗ ଏବଂ ପଢୁଥିବା ପିଲାମାନଙ୍କ ପାଇଁ ମଧ୍ୟ ଅନେକ ସୁବିଧା ସୁଯୋଗ ଯୋଗାଇ ଦେଉଛନ୍ତି । ଏହା ଆମ ଦେଶ ଓ ଆମ ରାଜ୍ୟ ପାଇଁ ଅତ୍ୟନ୍ତ ଖୁସିର କଥା । ହେଲେ ଦୁଃଖର କଥା, ପାଠ ପଢ଼ି କୌଣସି ଚାକିରି ନପାଇ ବହୁ ଛାତ୍ରଛାତ୍ରୀ ବେକାର ହୋଇ ରହିଛନ୍ତି । ବେକାର ଯୁବକ/ ଯୁବତୀମାନଙ୍କୁ ରୋଜଗାରକ୍ଷମ କରିବା ପାଇଁ କେନ୍ଦ୍ର ସରକାର କିମ୍ବା ରାଜ୍ୟ ସରକାର ବିଶେଷ କିଛି ପଦକ୍ଷେପ ନନେବା ପରିତାପର ବିଷୟ । ବେକାରୀ ସମସ୍ୟା ବଢ଼ିଲେ ଆମ ଦେଶରେ ଓ ରାଜ୍ୟରେ ଅନୈତିକ କାର୍ଯ୍ୟ ବଢ଼ି ଚାଲିବା ସହିତ ଅନେକେ ବାଟବଣା ହେବେ । ବେକାର ଯୁବକ/ ଯୁବତୀମାନେ କିପରି ରୋଜଗାରକ୍ଷମ ହୋଇ ପାରିବେ, ସେ ଦିଗରେ ସରକାର ଦୃଷ୍ଟି ଦେବାକୁ ଅନୁରୋଧ । ବେକାର ଯୁବକ/ ଯୁବତୀ ଯଦି କାର୍ଯ୍ୟକ୍ଷମ ନହେବେ, ତେବେ ଆମ ଦେଶ ଓ ରାଜ୍ୟ ଅନ୍ୟ ସବୁ ଦେଶ ଓ ରାଜ୍ୟ ପରି ଉନ୍ନତି କରି ପାରିବ ନାହିଁ । ଏଥି ପ୍ରତି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଦୃଷ୍ଟି ଦେବା ଆବଶ୍ୟକ ।

**କପିଳାସ କୁମାର ବେହେରା**
**ବାଙ୍ଗିରିପୋଷି, ମୟୂରଭଞ୍ଜ**

### ଚୀନ୍ ଓ ଭାରତର ସମ୍ପର୍କ ଭଲ ରହୁ

ଚୀନ୍ ଓ ଭାରତ ଦୁଇଟି ମହାଶକ୍ତିସମ୍ପନ୍ନ ଦେଶ । ଅବଶ୍ୟ ଭାରତର ସାମରିକ ଶକ୍ତିଠାରୁ ଚୀନ୍ କିଛି ପରିମାଣରେ ଆଗୁଆ । ଏହା ସତ୍ୟ ହୋଇଥିଲେ ମଧ୍ୟ ଭାରତ ସାମରିକ ଶକ୍ତିରେ ଆଦୌ ଦୁର୍ବଳ ନୁହେଁ । ଆମେରିକାର ସାମରିକ ବିଶେଷଜ୍ଞ କହିଛନ୍ତି ଯେ ପାକିସ୍ତାନ ଓ ଚୀନ୍‌ର ମିଳିତ ଆକ୍ରମଣର ମୁକାବିଲା କରିବା ପାଇଁ ଭାରତ ସମର୍ଥ । ଦେଶର ନିରାପତ୍ତା ବ୍ୟବସ୍ଥାକୁ ଭାରତ ଆଦୌ ଜଳାଞ୍ଜଳି ଦେବନାହିଁ । ଚୀନ୍‌କୁ ପ୍ରଧାନମନ୍ତ୍ରୀଙ୍କ ଗସ୍ତ ଦୁଇ ଦେଶ ପାଇଁ କଲ୍ୟାଣକର ହେବା ଉଚିତ । ପ୍ରଧାନମନ୍ତ୍ରୀ ଏଥି ପାଇଁ ଆଗ୍ରହ ପ୍ରକାଶ କରିଥିବା ବେଶ୍ ପ୍ରଶଂସନୀୟ । ଚୀନ୍ ଦେଶର ରାଷ୍ଟ୍ରପତି ଭାରତର ପ୍ରଧାନମନ୍ତ୍ରୀଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦେବା ଆମ ଦେଶ ପାଇଁ ଅଶେଷ ଗୌରବଜନକ । ଦୁଇ ଦେଶର ନେତାଙ୍କ ମଧ୍ୟରେ ଫଳପ୍ରଦ ଆଲୋଚନାରୁ ଜଣାଯାଏ ଯେ ଦୁଇ ଦେଶର ସମ୍ପର୍କ ନିଶ୍ଚିତ ଭାବେ ଅତୁଟ ରହିବ । ଆଗକୁ ଫଳ କ’ଣ ହେଉଛି, ତାହା ସମୟ କହିବ, କାରଣ ଚୀନ୍‌କୁ କେବେ ସହଜରେ ବିଶ୍ୱାସ କରିହେବ ନାହିଁ ।

**ରଞ୍ଜନ ମିଶ୍ର**
**ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ**

**ଅନୁରୋଧ** | ଏହି ସ୍ତମ୍ଭରେ ବିଭିନ୍ନ ସମସ୍ୟା ଓ ପ୍ରସଙ୍ଗକୁ ନେଇ ଆପଣଙ୍କ ସୁଚିନ୍ତିତ ମତ ଓ ମନ୍ତବ୍ୟ ନିମ୍ନରେ ଥିବା ଆମ ଠିକଣାରେ ପଠାଇବାକୁ ଅନୁରୋଧ । - ସମ୍ପାଦକ

**ଲେଖା ପଠାଇବାର ଠିକଣା,** ସମ୍ପାଦକ, **‘ନିତିଦିନ’,** Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, e-mail: nitidinedit@gmail.com